# ଖୋରଧା ଗଡ଼

ଇତିହାସ ଯଦି ନାହିଁ ଏ ଜାତିର
ନୂଆ ଇତିହାସ ଗଢ଼
ଦୁର୍ଦ୍ଧର୍ଷ ଏଇ ଓଡ଼ିଆ ଜାତିର
ଦୁର୍ବାର ଭାଷା ପଢ଼

ଶେଷ ସ୍ୱାଧୀନ ଖୋରଧା ଗଡ଼ ଏ
ଫିରିଙ୍ଗି କପିନ କଣ୍ଟା
ରଣ ଦୁନ୍ଦୁଭି ତୋଳି ଏଇ ଜାତି
ବଜାଇଲା ବୀର ଘଣ୍ଟା

ଇତିହାସ ଯଦି ମନେ ନାହିଁ ଆରେ
ହୀନ ଦୁବଳ ମୂଢ଼
ଖୋରଧା ଗଡ଼ର ମାଟିରେ କାନକୁ
ପାରି ସ୍ପନ୍ଦନ ପଢ଼

ଯଦି ସେ ମାଟିରୁ ମୁଠାଏ ଆଣି
ଚିପୁଡିବୁ ଆଣ୍ଠ କରି
ତାଜା ରକତର ଧାର ବହିଯିବ
ମୁଷ୍ଟି ରଞ୍ଜିତ କରି

ପାଷାଣ ଏଠାରେ ତରଳି ଯାଏରେ
ପାଇକର ଦମ୍ଭ ଆଗେ
ବରୁଣାଇ ଗିରି ଦୀପ୍ତ ଗୌରବ
ଆଜିବି ରକ୍ତ ମାଗେ

ପାଇକ ରକତ ଏ ମାଟିର ରଂଗ
ହୋଇଛି ପରରେ ଗୈରିକ
ଦୀପ୍ତ ତରବାରୀ ଢାଲ ନିଶାଣକୁ
ଚାକୁଥିଲା ଦିନେ ସୈନିକ

ରାଣୀ ପୋଖରୀରେ ବୀରା ନାରୀ ଯେବେ
ମାଜଣା ହୁଅନ୍ତି ରାତ୍ରିରେ
କର୍ଣ୍ଣ ପରଦା ଜୀର୍ଣ୍ଣ ହେଲେବି
ପ୍ରତିଧ୍ୱନୀ ବାଜେ ଅନ୍ତରେ

ଆଜିବି ଧରିଛି ବକ୍ଷେ ଜଡ଼ାଇ
ଜୟୀ ରାଜଗୁରୁ ଫାଶୀବର
ବରୁଣାଇ ଗିରି କଥା ଛଳେ କହେ
ହୁସିଆର ହୁଅ ହୁସିଆର

ଦୁର୍ଦ୍ଧର୍ଷ ଜାତି ଦୁର୍ଗମ ଗିରି ବକ୍ଷେ
ଗଢିଥିଲା ଶୀଳା ଦ୍ୱାର
ଉଠ ଉଠ ଆରେ ଓଡିଆ ଜାତିତୁ
ଉନ୍ନତ କର ଗର୍ବେ ଶିର

ଭୂଲୁଣ୍ଠିତ ସିନା ହୋଇଛି ଗୌରବ
ସରମ କରରେ ହତଭାଗ୍ୟ
ଆଜିବି ଶୋଣିତ ଦୀପ୍ତ ଧମନୀ
ଚମକାଇ ଦିଏ ବୀର ବାକ୍ୟ

ସ୍ୱର୍ଣ୍ଣ ଅକ୍ଷରେ ଲେଖ ଇତିହାସ
ଯେଉଁବଳେ ତୁମେ ବଳୀୟାନ
ଗର୍ବେ ମଥା ଟେକି ସ୍ୱାଭିମାନେ କୁହ
ଓଡ଼ିଆ ହୋଇ ମୁଁ ଭାଗ୍ୟବାନ

ଗରୀୟାନ ସେଇ ଖୋରଧାର ମାଟି
ଗରମ ଲାଭାରେ ସ୍ପନ୍ଦିତ ହୁଏ ଛାତି
ଶୌର୍ଯ୍ୟ କେତନ ଉଡାଇ କହରେ
ଦୃପ୍ତ ଆନନେ ମନ୍ଦ୍ରିତ ହେବ ଧୃତି

ମାନ ସନମାନ ସବୁର ମୂଳରେ
ଅଛି ବାରତାର ଭାବନା ଉଚ୍ଚାଟ ଭାଷା
ଦୁର୍ଜୟ ତୁରେ ଓଡ଼ିଆ ପାଇକ
ଦୁର୍ବାର ତୋର ଅସୀ ଚାଳନାର ନିଶା

କବି ଏ ମାଟିର ଦୀପ୍ତ ଦାୟାଦ
ଏ ମାଟି କବିର ଚିର ସ୍ପନ୍ଦିତ ପ୍ରାଣ
ମସୀ ତରବାରୀ ଚୈତ୍ର କେତନ
ସବୁରି ଉର୍ଦ୍ଧେ ଉଡୁ ଉଡ୍ର ନିଶାଣ □ □ □